# 15th round of Foreign Office Consultations between India and Singapore

August 11, 2021

## ଭାରତ ଏବଂ ସିଙ୍ଗାପୁର ମଧ୍ୟରେ 15ତମ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ ଅନୁଷ୍ଠିତ

**ଅଗଷ୍ଟ 11, 2021**

ଭାରତ ଏବଂ ସିଙ୍ଗାପୁର ମଧ୍ୟରେ 15ତମ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ 11 ଅଗଷ୍ଟ 2021 ରେ ଭର୍ଚୁଆଲ ଉପାୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପୂର୍ବ) ଶ୍ରୀମତୀ ରିଭା ଗାଙ୍ଗୁଲି ଦାସ ନେଇଥିବାବେଳେ ସିଙ୍ଗାପୁର ପ୍ରତିନିଧି ଦଳର ନେତୃତ୍ୱ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସ୍ଥାୟୀ ସଚିବ ଶ୍ରୀ ଚି ୱି କିଓଙ୍ଗ ନେଇଥିଲେ।

2. ଉଭୟ ପକ୍ଷ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ଉପରେ ସମୀକ୍ଷା କରିଥିଲେ ଏବଂ ସନ୍ତୋଷ ବ୍ୟକ୍ତ କରିଥିଲେ ଯେ ମହାମାରୀ ସତ୍ତ୍ୱେ ଦ୍ୱିପାକ୍ଷିକ ସମ୍ପର୍କରେ ବିଶେଷ କରି ବାଣିଜ୍ୟ ଏବଂ ପ୍ରତିରକ୍ଷା ସହଯୋଗରେ ଯଥେଷ୍ଟ ପ୍ରଗତି ହୋଇଛି। ଉଭୟ ଦେଶ ମଧ୍ୟରେ ଆର୍ଥିକ ଭାଗିଦାରୀକୁ ଆହୁରି ମଜବୁତ କରିବାର ଉପାୟ ଉପରେ ପ୍ରତିନିଧୀ ଦଳ ଆଲୋଚନା କରିଥିଲେ। ଯାତ୍ରା ଉପରେ ପ୍ରତିବନ୍ଧକକୁ କୋହଳ କରିବା ଏବଂ ଲୋକମାନଙ୍କ ମଧ୍ୟରେ ଯୋଗାଯୋଗକୁ ପୁଣି ଆରମ୍ଭ କରିବା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଦ୍ୱିତୀୟ କୋଭିଡ ତରଙ୍ଗ ସମୟରେ ସିଙ୍ଗାପୁରର ସହାୟତା ପାଇଁ ସଚିବ (ପୂର୍ବ) ଧନ୍ୟବାଦ ଜଣାଇଥିଲେ।

3. ଆସିଆନ-ଭାରତ ସମ୍ପର୍କ ଏବଂ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଭାରତ ଏବଂ ସିଙ୍ଗାପୁର ମଧ୍ୟରେ ସହଯୋଗ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସିଙ୍ଗାପୁର ତିନି ବର୍ଷ (2021-2024) ପାଇଁ ଆସିଆନରେ ଭାରତ ପାଇଁ ରାଷ୍ଟ୍ର ସଂଯୋଜକ ଭାବରେ ଦାୟିତ୍ୱ ଗ୍ରହଣ କରିଛି। ଏହି ଅଞ୍ଚଳ ସମ୍ବନ୍ଧୀୟ ଆନ୍ତର୍ଜାତୀୟ ଏବଂ ରଣନୀତିକ ପ୍ରସଙ୍ଗରେ ମତ ବିନିମୟ ହୋଇଥିଲା।

4. ଏକ ବନ୍ଧୁତ୍ୱପୂର୍ଣ୍ଣ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଏହି ଆଲୋଚନା ଅନୁଷ୍ଠିତ ହୋଇଥିଲା। ପାରସ୍ପରିକ ସୁବିଧାଜନକ ଦିନରେ ପରବର୍ତ୍ତୀ ବିଚାର ବିମର୍ଷ ଆୟୋଜନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

**ଅଗଷ୍ଟ 11, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.